# ପ୍ରକଟୀକରଣ

## ସ୍ୱଷ୍ଟୀକରଣ/ ଅଭିଯୋଗର ଖଣ୍ଡନ:

ସମୟ ସମୟରେ, ନିର୍ବାଚନ ବେଳେ ହେଉ କିମ୍ବା କୌଣସି ନିହିତ ସ୍ୱାର୍ଥ ବିରୋଧରେ, ମୁଁ ପଦକ୍ଷେପ ନେବା ବେଳେ ସମାଲୋଚନା (ଉଦାହରଣସ୍ୱରୁପ: ପାର୍ଲାମେଣ୍ଟ କ୍ୟାଣ୍ଟିନରୁ ସଫଳ ଭାବେ ରିହାତି ଉଚ୍ଛେଦ କରିବା)ର ଶିକାର ହୋଇଥାଏ । ସାଧାରଣତଃ, ସମାଲୋଚନାଗୁଡ଼ିକ ମଧ୍ୟରେ ଏପରି ଅଭିଯୋଗ ଥାଏ ଯାହାକୁ ପୂର୍ବରୁ ବହୁବାର ଖଣ୍ଡନ କରାଯାଇଛି । ତଥାପି, ଅନ୍‌ଲାଇନ୍ ଟ୍ରୋଲ ବ୍ୟତିତ, ଏଭଳି କିଛି ଲୋକ ଅଛନ୍ତି, ଯେଉଁମାନେ ମୋର ସ୍ୱଷ୍ଟୀକରଣଗୁଡ଼ିକ ବିଷୟରେ ଅଜ୍ଞ ଏବଂ ଯୁକ୍ତିସଙ୍ଗତ ପ୍ରଶ୍ନ କରିଥାନ୍ତି । ଏବେ କିଛି ବର୍ଷ ଧରି, ମୁଁ ସ୍ୱଷ୍ଟୀକରଣ/ଖଣ୍ଡନଗୁଡ଼ିକୁ ସଂକ୍ଷିପ୍ତ କରି ମୋର ୱେବ୍‌ସାଇଟ୍‌ରେ ଦର୍ଶାଇଛି, ଯେଉଁଥିରେ ସମସ୍ତ ସାଧାରଣ ପ୍ରଶ୍ନ ସ୍ଥାନିତ ।

## ଅଭିଯୋଗ :

### "ମିଥ୍ୟା ସତ୍ୟପାଠ ମାମଲା"

ମୋତେ ବିଜେଡିରୁ ନିଲମ୍ବିତ କରାଯିବା ପରେ କେତେକ ନିହିତ ସ୍ୱାର୍ଥଧାରୀ ବ୍ୟକ୍ତି ମୋ ବିରୋଧରେ ମିଥ୍ୟା ନିର୍ବାଚନ ସତ୍ୟପାଠ ଦାଖଲ ଅଭିଯୋଗ, ବିଶେଷ କରି ଆୟ ବିବରଣୀ ଦିଆଯାଇ ନ ଥିବା ଅଭିଯୋଗ କରି ଏକ ମାମଲା ରୁଜୁ କରିଥିଲେ । ମୁଁ ଏହି ଅଭିଯୋଗଗୁଡ଼ିକୁ ଦୃଢ଼ ଭାବେ ଖଣ୍ଡନ କରିଆସିଛି ଏବଂ ଭାରତୀୟ ନିର୍ବାଚନ ଆୟୋଗ ନିକଟରେ ଏହି ମାମଲାକୁ ଉପସ୍ଥାପିତ କରିବା ପାଇଁ ପିଟିସନରଙ୍କୁ ଆହ୍ୱାନ କରିଛି । କିନ୍ତୁ ଏହା ବଦଳରେ, ସେମାନେ ନ୍ୟାୟାଳୟରେ ଏହି ମାମଲାକୁ ଦାଖଲ କରିଛନ୍ତି ଏବଂ ଶୁଣାଣି ପାଇଁ ସମୟ ମାଗି ଅପପ୍ରଚାର କରିବା ପାଇଁ ଚେଷ୍ଟା କରୁଛନ୍ତି । ତେବେ ଏହି ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଉକ୍ତ ମାମଲା ଉପରେ ରହିତାଦେଶ ଲଗାଇଛନ୍ତି ।

## "ଅଜିତ ଯୋଗୀ/ଚିଦାମ୍ବରମ/ଏଫ୍ଆଇପିବି"

୨୦୧୭ ଅଗଷ୍ଟରେ ଛତିଶଗଡ଼ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥ ମନ୍ତ୍ରୀ ପି. ଚିଦାମ୍ବରମ ଏବଂ ତାଙ୍କ ପୁତ୍ର କାର୍ତ୍ତି ଚିଦାମ୍ବରମଙ୍କ ବିରୋଧରେ ଅନେକ ଅଭିଯୋଗ ଉଠାଇଥିଲେ । ମୋର ପରିବାରର ସମ୍ବନ୍ଧ ଥିବା ଅର୍ସେଲ କମ୍ୟୁନିକେସନ ପାଇଁ ତତ୍କାଳୀନ ବିଦେଶୀ ପୁଞ୍ଜି ନିବେଶ ପ୍ରୋତ୍ସାହନ ବୋର୍ଡ (ଏଫ୍ଆଇପିବି)ଠାରୁ ଅନୈତିକ ଅନୁଗ୍ରହ ନିଆଯାଇଥିବା ଏଗୁଡ଼ିକ ମଧ୍ୟରେ ଅନ୍ୟତମ ଅଭିଯୋଗ ଥିଲା । ଏହା ସମ୍ପୂର୍ଣ୍ଣ ଭାବେ ମିଥ୍ୟା । ବାସ୍ତବରେ, ୧୯୯୯ ଓ ୨୦୦୮ରେ ଜଣାଶୁଣା ଗ୍ଲୋବାଲ ପ୍ରାଇଭେଟ ଇକ୍ୱିଟି ଫଣ୍ଡଠାରୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ (ଏଫ୍ଡିଆଇ) ଗ୍ରହଣ କରିବା ଲାଗି ଏଫ୍ଆଇପିବି ପକ୍ଷରୁ କମ୍ପାନୀକୁ ଅନୁମତି ମିଳିଥିଲା ଏବଂ ଏକ ପ୍ରାରମ୍ଭିକ ସାର୍ବଜନିକ ପ୍ରସ୍ତାବ (ଆଇପିଓ) ରହିଥିଲା । ଏଫ୍ଡିଆଇ ଆକୃଷ୍ଟ କରିବା ଲାଗି କମ୍ପାନୀ ଆର୍ବିଆଇ ଓ ଏଫ୍ଇଏମ୍ଏର ସମସ୍ତ ନିୟମାବଳୀର ପାଳନ କରିଥିଲା ଏବଂ କୌଣସି ସ୍ୱତନ୍ତ୍ର ଅନୁମତି ଆବଶ୍ୟକ କରୁ ନ ଥିବାରୁ ଏ କ୍ଷେତ୍ରରେ କୌଣସି ଅନୁଗ୍ରହ ଦେଖାଯାଇ ନାହିଁ । ଏଣୁ ପି. ଚିଦାମ୍ବରମ୍ କିମ୍ବା ତାଙ୍କ ପୁତ୍ରଙ୍କ ସହ କମ୍ପାନୀର କୌଣସି ସମ୍ପର୍କ ନାହିଁ ।

ପୃଥକ ଭାବେ, ମୋର ପରିବାରର ସମ୍ବନ୍ଧ ଥିବା ଅନ୍ୟ ଏକ କମ୍ପାନୀ ଇମ୍ପା ପାଇଁ ପି. ଚିଦାମ୍ବରମ ନ୍ୟାୟାଳୟରେ ହାଜର ହୋଇଥିବା ଏବଂ ଏଥିରେ ତାଙ୍କ ପତ୍ନୀଙ୍କ ଅଂଶଧନ ରହିଥିବା ଯୋଗୀ ଅଭିଯୋଗ ଆଣିଥିଲେ । ବାସ୍ତବରେ, ୧୯୮୦ ଏବଂ ୧୯୯୦ରେ ଶ୍ରୀ ଚିଦାମ୍ବରମ କମ୍ପାନୀ ପାଇଁ ସର୍ବୋଚ୍ଚ ନ୍ୟାୟାଳୟରେ ଉପସ୍ଥିତ ହୋଇଥିଲେ, କିନ୍ତୁ ଅଭିଯୋଗ ସହ ଏହାର କୌଣସି ସମ୍ପୃକ୍ତି ନାହିଁ । ଶ୍ରୀମତି ଚିଦାମ୍ବରମ ଅଂଶଧନ କିଣିବା ସମୟରେ କହିରଖିବାକୁ ଚାହେଁ ଯେ ଏହି ତାଲିକାଭୁକ୍ତ କମ୍ପାନୀରେ, ଯେଉଁଥିରେ କେହି ମଧ୍ୟ ଅଂଶଧନ କିଣିପାରିବେ, ସେଥିରେ ଏନ୍. ଚିଦାମ୍ବରମ ମାତ୍ର ୧୦ଟି ଅଂଶଧନ କିଣିଛନ୍ତି । ନିଜର ଜାତି ପ୍ରମାଣପତ୍ରରେ ଜାଲିଆତି କରି କାର୍ଯ୍ୟାନୁଷ୍ଠାନର ସାମ୍ନା କରୁଥିବା ଶ୍ରୀ ଯୋଗୀ କିଛି ପୁରୁଣା ଅଭିଯୋଗଗୁଡ଼ିକୁ ପୁନଃ ଉପସ୍ଥାପିତ କରିଛନ୍ତି, ଯେଉଁଗୁଡ଼ିକର ସ୍ପଷ୍ଟୀକରଣ ଲଗାତର ବହୁ ପୂର୍ବରୁ ଦିଆଯାଇଛି ।

## ପୂର୍ବ ଅଭିଯୋଗ:

### "ବ୍ୟାଙ୍କ ଋଣ"

୧୯୮୦ରେ ପାରିବାରିକ ବ୍ୟବସାୟ ଅନ୍ତର୍ଗତ ୨ କମ୍ପାନୀ ମଧ୍ୟରୁ ମୋର ଅଂଶଧନ (ଅନ୍ୟ କେତେକ ସମ୍ପର୍କୀୟଙ୍କ ସହ) ଥିବା ଏକ କମ୍ପାନୀ ବିବାଦ ଏବଂ କଞ୍ଚାମାଲ ଅଭାବରୁ ରୁଗ୍ଣ ହୋଇପଡ଼ିଥିଲା । ଏଥିପାଇଁ କେହି ଦୋଷୀ ନ ଥିଲେ, କିନ୍ତୁ କଞ୍ଚାମାଲ ଅଭାବରୁ କମ୍ପାନୀ (ଆଇସିସିଏଲ) କ୍ଷମତାଠାରୁ ଖୁବ କମ ଉତ୍ପାଦନ କରିବାରେ ଲାଗିଲା ଏବଂ ଦୀର୍ଘ ସମୟ ପର୍ଯ୍ୟନ୍ତ ବନ୍ଦ ରହିଥିଲା । କିଛି ବର୍ଷ ପରେ ସର୍ବୋଚ୍ଚ ନ୍ୟାୟାଳୟ କମ୍ପାନୀ ସପକ୍ଷରେ ରାୟ ଶୁଣାଇଥିଲେ ଏବଂ କର୍ପୋରେଟ ଋଣ ପୁନର୍ଗଠନ (ସିଡିଆର) ପରେ କମ୍ପାନୀ ପୁଣି କାର୍ଯ୍ୟକ୍ଷମ ହୋଇଥିଲା । ସିଡିଆର ନିୟମାନୁସାରେ ଥିଲା ଏବଂ ଆଂଶିକ ଋଣ ହ୍ରାସ ସାମିଲ ଥିଲା (ଅଧିକାଂଶ ଦଣ୍ଡସ୍ୱରୁପ ସୁଧ, କିନ୍ତୁ ଫରେକ୍ସ ଅସ୍ଥିରତା ଓ ମୂଳଧନ ଭଳି ଅଂଶ ନୁହେଁ) । ଅଂଶଧନକାରୀମାନେ ସିଡିଆର ପୁନଃସ୍ଥାପନ ପାଇଁ ନିଜ ଅଂଶଧନ ମଧ୍ୟରୁ ୫୦% ଏବଂ ଅନ୍ୟ ଏକ କମ୍ପାନୀ (ଇମ୍ଫା) ଆୟର ୮୫% ହସ୍ତାନ୍ତର କରିବାକୁ ରାଜି ହୋଇଥିଲେ । ଏହାପରେ ପୁନର୍ଗଠିତ ଋଣ ପରିଶୋଧ ହୋଇଥିଲା ଏବଂ ୨ କମ୍ପାନୀର ସମ୍ମିଶ୍ରଣ ଘଟିଥିଲା ।

### "ବିଦ୍ୟୁତ ବିଲ ବକେୟା ଛାଡ଼"

ଓଡ଼ିଶାରେ ମୋର ପାରିବାରିକ ବ୍ୟବସାୟ ଅନ୍ତର୍ଗତ କମ୍ପାନୀ (ଇମ୍ଫା)ର ରାଜ୍ୟ ବିଦ୍ୟୁତ ବୋର୍ଡ (ପରେ ବିଚ୍ଛିନ୍ନ ଏବଂ ଆଂଶିକ ଘରୋଇକରଣ ହୋଇଥିବା) ସହ ଆଇନଗତ ବିବାଦ ରହିଥିଲା । ଯୋଗାଣ ଚୁକ୍ତି ଏବଂ କାରବାର ନିୟମର ଉଲ୍ଲଂଘନ କରାଯାଇ ବିଲିଂ କରାଯାଇଛି ବୋଲି ଅଭିଯୋଗ କରି କମ୍ପାନୀ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲା । ନ୍ୟାୟାଳୟ ମଧ୍ୟସ୍ଥତା ତଥା ସର୍ବସମ୍ମତି କ୍ରମେ ଏହି ଅଭିଯୋଗକୁ ଠିକ୍ ବୋଲି ଦର୍ଶାଇ କମ୍ପାନୀକୁ ରିଫଣ୍ଡ ଦେବା ଉଚିତ ବୋଲି କହିଥିଲେ । ମାତ୍ର ଭୁଲ ସମ୍ବାଦ ପ୍ରକାଶନ ଯୋଗୁ କମ୍ପାନୀକୁ ବିଦ୍ୟୁତ ବକେୟା ଛାଡ଼ କରାଯାଇଛି ବୋଲି ଅନେକ ବିଶ୍ୱାସ କରନ୍ତି ।

ପୃଥକ୍ ଭାବେ ରାଜ୍ୟ ସରକାର ଏବଂ ଅନେକ ରାଷ୍ଟ୍ରାୟତ୍ତ ଏବଂ ଘରୋଇ କମ୍ପାନୀଗୁଡ଼ିକ ମଧ୍ୟରେ ବିଦ୍ୟୁତ ଶୁଳ୍କ ବିବାଦ ଥିବା ବେଳେ ଏଗୁଡ଼ିକ ଉଚ୍ଚ ନ୍ୟାୟାଳୟରେ ବିଚରାଧୀନ ରହିଛି । ଏହି କମ୍ପାନୀଗୁଡ଼ିକ ମଧ୍ୟରେ ଇମ୍ଫା ରହିଛି ଏବଂ ବିବାଦିତ ଅର୍ଥ ରାଶି ନ୍ୟାୟାଳୟ (ସରକାରଙ୍କ ବଦଳରେ)ରେ ଜମା କରୁଛି । ଅନ୍ୟପକ୍ଷେ ନ୍ୟାୟିକ ନିର୍ଣ୍ଣୟ ମଧ୍ୟ ଜାରି ରହିଛି ।

**“୧୩ ଏକରର ଜମି”**

୧୯୮୦ରେ ମୋର ପାରିବାରିକ ବ୍ୟାବସାୟିକ ସମୂହ ଅନ୍ତର୍ଗତ କମ୍ପାନୀ (ଇମ୍ପା) ଏକ କ୍ଷତି ସହୁଥିବା କମ୍ପାନୀ କଳିଙ୍ଗ ଟ୍ୟୁବ୍‌ସ ଲିମିଟେଡ (କେଟିଏଲ୍)କୁ ଅଧିଗ୍ରହଣ (ପରେ ବିଲୟ ହୋଇଥିବା) କରିଥିଲା । ଏହି ପ୍ରକ୍ରିୟାରେ ପ୍ରାୟ ୩୦୦ ଏକର ପର୍ଯ୍ୟନ୍ତ ପରିବ୍ୟାପ୍ତ (୧୯୫୦ରେ ପ୍ରତିଷ୍ଠିତ) କେଟିଏଲ୍‌ର ପରିସରକୁ ଅଧିଗ୍ରହଣ କରାଯାଇଥିଲା, ଯେଉଁଠାରେ ବର୍ତ୍ତମାନ ଏକ ଉତ୍ପାଦନ କାରଖାନା ରହିଛି । ୧୯୭୬ରେ କେଟିଏଲ ଜମିର ଏକ କ୍ଷୁଦ୍ର ଅଂଶର ରେକର୍ଡ ନେଇ ଆଇନଗତ ମାମଲା (ପରେ ଇମ୍ପା ଦ୍ୱାରା ସ୍ୱୟଂଚାଳିତ ଭାବେ ପ୍ରତିସ୍ଥାପିତ) ଆରମ୍ଭ କରିଥିଲା । ତେବେ ୧୯୯୦ରେ ନ୍ୟାୟାଳୟ ମୋର କମ୍ପାନୀ ସପକ୍ଷରେ ରାୟ ଦେଇଥିଲେ । ଏଣୁ ଜମିର ମାଲିକାନା ନେଇ କୌଣସି ସନ୍ଦେହ ନାହିଁ ।

## ଶେଷରେ:

ମୁଁ ସେହି ପ୍ରଶ୍ନଗୁଡ଼ିକ ଉପରେ ବିଶ୍ୱାସ କରେ, ଯେଉଁଥିରେ କିଛି ବାସ୍ତବତା ଥାଏ । ଉପରୋକ୍ତ ସମସ୍ତ ତଥ୍ୟ ଠିକ୍, ସତ୍ୟ ଏବଂ ଯାଞ୍ଚ ହେବା ଯୋଗ୍ୟ । ତଥାପି, ମୁଁ କେତେ ଥର ଅନୁଭବ କରିଛି ଅଭିଯୋଗଗୁଡ଼ିକୁ ଖଣ୍ଡନ କିମ୍ବା ସ୍ପଷ୍ଟ କରିବା ପରେ ମଧ୍ୟ ମୋତେ ଅଧିକ ଯୁକ୍ତିରେ ସମ୍ପୃକ୍ତ କରାଯାଏ, ଯାହାକୁ ମୁଁ ଗ୍ରହଣ କରେ ନାହିଁ ।